# ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

## ନୋଟିସ୍

ନଂ ୨୩୪୯୪ ତା ୧୭/୮/୨୦୨୪

ଏତଦ୍ବାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ, ପୌରପାଳିକାର ଇକୋ ପାର୍କ,ଶିକ୍ଷକପଡା,ଅନୁଗୋଳ, ୩(ତିନି) ବର୍ଷ ନିମନ୍ତେ ଲିଜ୍ ଆକାରରେ ଦିଆଯିବ ଏଣୁ ଉକ୍ତ ଲିଜ୍ ନିମନ୍ତେ ଇଚ୍ଛୁକ ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ନିମ୍ନଲିଖିତ ସର୍ତ୍ତ ଅନୁସାରେ ପୌରପାଳିକାରୁ ଫର୍ମ ତା ୨୧.୦୮.୨୦୨୪ ତା ରିଖ ଠାରୁ ତା ୦୨.୦୯.୨୦୨୪ ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ନେଇ ପାରିବେ । ତା୦୩.୦୯.୨୦୨୪ ରିଖ ଦିବା ଘ.୦୧.୩୦ମିନିଟ ମଧ୍ୟ ରେ କାର୍ଯ୍ୟନିର୍ବାହୀ ଅଧିକରୀଙ୍କ ପ୍ରକୋଷ୍ଠରେ ଯଉମୁଦ ଖାମରେ ଆବେଦନ କରିପାରିବେ। ଆବେଦନ ପତ୍ର ଗୁଡିକ ତା ୦୩.୦୯.୨୦୨୪ ରିଖ ୩.୩୦ମିନିଟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବ। ପ୍ରକାଶ ଥାଉ କି ପୌରକାର୍ଯ୍ୟାଳୟର ସମସ୍ତ ଟ୍ୟାକ୍ସ ପଇଠ କରିଥିବେ ନଚେତ୍ ସେ ଲିଜ୍ ରେ ଅଂଶ ଗ୍ରହଣ କରିପାରିବେ ନାହିଁ । ନିମ୍ନ ସ୍ୱାକ୍ଷରକାରୀ ଲିଜ୍ ସଂପର୍କରେ ଯେକୌଣସି ଚୂଡାନ୍ତ ନିଷ୍ପତ୍ତି ନେଇପାରିବେ, କିମ୍ବା ବାତିଲ କରିପାରିବେ ।

୧) ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।

୨) କାର୍ଯ୍ୟାଳୟରେ ଟ.୨୦୦୦.୦୦ଙ୍କା (ଦୁଇ ହଜାର) ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ । ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁଗୋଳ ପୌରପାଳିକା ନାମରେ ଟ.୫୦, ୦୦୦.୦୦ଙ୍କା (ପଚାଶ ହଜାର) ର ବ୍ୟାଙ୍କ ଡ୍ରାଫ୍ଟ ଅମାନତ ଆକାରରେ ଦାଖଲ୍ କରିବେ । ଯେଉଁ ଆବେଦନକାରୀ ଟେଣ୍ଡର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ବିନା ସୁଧରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ ।ଏଥିସହିତ ଭୋଟ ପରିଚୟ ପତ୍ର/ ଆଧାର କାର୍ଡ/ପ୍ୟାନ କାର୍ଡ ଏବଂ ଗୋଟିଏ ପାର୍ସପୋଟ ସାଇଜ ଫଟୋ ସଂଲଗ୍ନ କରିବା ଆବଶ୍ୟକ ନଚେତ୍ ଆବେଦନ ପତ୍ର ରଦ୍ଦ କରାଯିବ ।

୪) ଇକୋ ପାର୍କ,ଶିକ୍ଷକପଡା,ଅନୁଗୋଳ ର ପ୍ରବେଶ ମୂଲ୍ୟ ଏବ ଏଥି ମଧ୍ୟରେ ଥିବା ବୋଟ,ଖେଳନା ଟ୍ରେନ୍ ,କୁ ମିଶାଇ ନିଲାମ ସର୍ବନିମ୍ନ (ବାର୍ଷିକ)ମୂଲ୍ୟ ଟ.୨୩,୫୦,୦୦୦/-( ତେଇଶି ଲକ୍ଷ ପଚାଶ ହଜାର) ଙ୍କା ମାତ୍ର ଧାର୍ଯ୍ୟ କରାଯାଇ ଅଛି ।

୫) ଇକୋ ପାର୍କ,ଶିକ୍ଷକପଡା,ଅନୁଗୋଳ ର ପରିଚାଳନା କରିବା ପାଇ ବୋଟ ର ପ୍ରମାଣ ପତ୍ର (Boating License)ଥିବା ଆବଶ୍ୟକ ।

୬) ନିଲାମ ନେଇଥିବା ବ୍ୟକ୍ତି ପ୍ରତି ଟିକଟର ମୂଲ୍ୟ ଟ. ୧୦/-(ଦଶ)ଙ୍କା ଅଧିକ ନେଇପାରିବେ ନାହିଁ।

୭) ଇକୋ ପାର୍କ,ଶିକ୍ଷକପଡା,ଅନୁଗୋଳ ର ରକ୍ଷଣା ବେକ୍ଷଣ ସମସ୍ତ ଖର୍ଚ୍ଚ ନିଜେ ବହନ କରିବବା ସହିତ ଓ ବିଦ୍ୟୁତ ବିଲ୍ ମଧ୍ୟ ନିଜେ ପୈଠ କରିବେ ।

୮) ଆବେଦନକାରୀ ପୌର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।

୯) ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

17/8/24

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ 2356 ତା 17/8/2024.

ଏହାର ଏକକିତା ନକଲ ନିର୍ଦ୍ଦେଶକ ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

17/8/24

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ 2357(11) ତା 17/8/2024.

ଏହାର ଏକକିତା ନକଲ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ପ୍ରକଳ୍ପ ଅଧିକାରୀ (ସହରାଞ୍ଚଳ) କାର୍ଯ୍ୟାଳୟ, ଅନୁଗୋଳ/ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ, ସେସୁ ବିଦ୍ୟୁତ କାର୍ଯ୍ୟାଳୟ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ବିଭାଗ, ଅନୁଗୋଳ/ନିର୍ବାହୀ ଯନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ ବିଭାଗ,ଅନୁଗୋଳ/ ତହସିଲଦାର କାର୍ଯ୍ୟାଳୟ,ଅନୁଗୋଳ/ତାମଡା କାର୍ଯ୍ୟାଳୟ,ଅନୁଗୋଳ ଏବଂ ପୌରପାଳିକା କାର୍ଯ୍ୟାଳୟ,ଅନୁଗୋଳର ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଅନୁରୋଧ କରାଗଲା ।

17/8/24

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ 2358 ତା 17/8/2024

ଏହାର ଏକକିତା ନକଲ ମୁଖ୍ୟ ଯନ୍ତ୍ରୀ ତଥା ଅତିରିକ୍ତ ଶାସନ ସଚିବ, ସୂଚନା ଓ ଲୋକ ସଂମ୍ପର୍କ ବିଭାଗ ଓଡିଶା, ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।ଉକ୍ତ ବି ପଜକୁ ଟ.୩୦୦୦/-(ତିନି ହଜାର ଟକା ମାତ୍ର ମଧ୍ୟରେ ଦୈନିକା ଖବର କାଗଜରେ ପ୍ରକାଶ କରିବା ପାଇ ଅନୁରୋଧ କରାଗଲା ।

17/8/24

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ 2359 ତା 17/8/2024

ଏହାର ଏକକିତା ନକଲ ଜାତୀୟ ସୂଚନା କେନ୍ଦ୍ର ଅଧିକାରୀ, ଅନୁଗୋଳ ବିହିତ ଅବଗତି ଏବଂ ବହୁଳ ପ୍ରସାର କରିବା ନିମନ୍ତେ ଅନୁରୋଧ କରାଗଲା ।

17/8/24

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ